# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 May – 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ଭିତରେ କେରଳ ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗର ଅନୁମାନ
- ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ସମ୍ପର୍କିତ ସୂଚନା ଦେଲେ ନିର୍ବାଚନ କମିଶନ
- ମ୍ୟାଟ୍ରିକ ଏବଂ ଯୁକ୍ତ ଦୁଇ ପରୀକ୍ଷା ଖାତାର ପୁନଃ ଯାଞ୍ଚ ପାଇଁ ଆବେଦନ ସମୟସୀମା ଘୋଷଣା

ଏବଂ

- ତମାଖୁ ବର୍ଜନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଓଡ଼ିଶାକୁ ମିଳିଲା **'ୱାର୍ଲ୍ଡ୍ ନୋ ଟବାକୋ ଡେ'** ପୁରସ୍କାର

# ମୌସୁମୀ ବାୟୁ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମାଳଦୀପର କିଛି ଅଂଶ ଏବଂ କାମୋରିନ୍ ଅଂଚଳ ଓ ଦକ୍ଷିଣ ବଙ୍ଗୋପସାଗର ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ ଆଣ୍ଡାମାନ ସାଗରର କିଛି ଅଂଶକୁ ଅଗ୍ରସର ହୋଇଥିଲା। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଲା-ନିନା ପରିସ୍ଥିତି ଅନୁକୂଳ ଥିବାରୁ ଭାରତରେ ଚଳିତ ମୌସୁମୀ ଋତୁରେ ଭଲ ବର୍ଷା ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଦେଶର କୃଷିଭିତ୍ତିକ ଅର୍ଥନୀତି ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଉପରେ ନିର୍ଭର କରିଥାଏ। ମୋଟ୍ ଚାଷଜମିର ୫୨ ପ୍ରତିଶତ ଜଳସେଚନ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରିବା ସହିତ ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ପାନୀୟ ଜଳ ଏବଂ ଜଳଭଣ୍ଡାରଗୁଡ଼ିକରେ ଜଳ ସଂରକ୍ଷଣରେ ଏହି ମୌସୁମୀ ବର୍ଷା ସହାୟକ ହୋଇଥାଏ।

*BBSR*

# ତୃତୀୟ ପର୍ଯ୍ୟାୟ ନିର୍ବାଚନ ହାର

ରାଜ୍ୟରେ ଗତ ୨୫ ତାରିଖରେ ତୃତୀୟ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନର ଚୂଡ଼ାନ୍ତ ମତଦାନ ହାର ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାୟକ ଆସନରେ ୭୪ ଦଶମିକ ୪/୭ ପ୍ରତିଶତ ମତଦାନ ହୋଇଛି। ଏହା ୨୦୧୯ ନିର୍ବାଚନ ତୁଳନାରେ ୩ ଦଶମିକ ୦/୯ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି। ପୂର୍ବ ନିର୍ବାଚନରେ ଏହି ୬ଟି ଲୋକସଭା ଆସନରେ ୭୧ ଦଶମିକ ୩/୬ ପ୍ରତିଶତ ମତଦାନ ହୋଇଥିଲା। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସମ୍ବଲପୁରରେ ସର୍ବାଧିକ ୭/୯ ଦଶମିକ ୫ ପ୍ରତିଶତ ମତଦାନ ହୋଇଥିବା ବେଳେ ଭୁବନେଶ୍ୱରରେ ସର୍ବନିମ୍ନ ୬୪ ଦଶମିକ ୪/୯ ପ୍ରତିଶତ ମତଦାନ ହୋଇଛି।

ଅନ୍ୟପକ୍ଷରେ ବିଧାନସଭା ମଣ୍ଡଳୀ ଗୁଡ଼ିକ ମଧ୍ୟରେ ଆଠମଲ୍ଲିକ ଆସନରେ ୮୫ ଦଶମିକ ୬/୯ ପ୍ରତିଶତ ଭୋଟ୍‌ହାର ଥିବାବେଳେ ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳୀରେ ୫୧ ଦଶମିକ ୨/୮ ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ପୂର୍ବ ନିର୍ବାଚନ ତୁଳନାରେ ସହରାଞ୍ଚଳ ଗୁଡ଼ିକରେ ମତଦାନ ବୃଦ୍ଧିପାଇଛି । ସେହିଭଳି ତୃତୀୟ ପର୍ଯ୍ୟାୟରେ ୧୫ଟି ବିଧାନସଭା ଆସନରେ ମତଦାନ

ହାର ୮୦ ପ୍ରତିଶତରୁ ଅଧିକ ରହିଥିବାନେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

***Desk***

## କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ **ନରେନ୍ଦ୍ର ମୋଦୀ** ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ସ୍ୱରାଷ୍ଟ୍ରମନ୍ତ୍ରୀ **ଅମିତ୍ ଶାହା** ମଧ୍ୟ ଆସନ୍ତାକାଲି ଓଡ଼ିଶା ଆସି ଚାନ୍ଦବାଲି, କୋରେଇ ଓ ନିମାପଡାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ପକ୍ଷରୁ ସୂଚନା ମିଳିଛି ।

ସେହିଭଳି କଂଗ୍ରେସ ଅଧ୍ୟକ୍ଷ **ମଲ୍ଲିକାର୍ଜୁନ ଖଡଗେ** ଆସନ୍ତା ୨୯ ତାରିଖରେ ବାଲେଶ୍ୱର ଏବଂ ଦଳର ବରିଷ୍ଠ ନେତା **ରାହୁଲ ଗାନ୍ଧୀ** ଆସନ୍ତା ୩୦ ତାରିଖରେ ଓଡ଼ିଶା ଗସ୍ତରେ ଆସି ଭଦ୍ରକ ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

***Puri***

## ଅମିତ ଶାହା ପୁରୀ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ଗୃହ ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ପୁରୀ ଆସିବେ। ନିମାପଡ଼ା

ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଶ୍ରୀ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଜଗତସିଂହପୁର ଲୋକସଭା ଆସନ ଅନ୍ତର୍ଗତ ନିମାପଡ଼ା ଓ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧ ତାରିଖରେ ଭୋଟ୍‌ଗ୍ରହଣ ହେବ ।

***Desk***

## ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦ୍ରାପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଆୟୋଜିତ ଜନସଭାରେ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା ବର୍ଣ୍ଣନା କରିବା ସହିତ ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

***Desk***

# ଯୁକ୍ତ ଦୁଇ ପୁନଃ ମୂଲ୍ୟାଙ୍କନ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତ ଦୁଇ ପରୀକ୍ଷା ଉତ୍ତରଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆସନ୍ତା ଜୁନ୍ ପହିଲା ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୧ ତାରିଖରୁ ପରୀକ୍ଷାଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆବେଦନ କରିପାରିବେ । ଜୁନ୍ ମାସ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ପରିଷଦ କହିଛି । ଅକୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁଣିଥରେ ସୁଯୋଗ ଦେବା ପାଇଁ

ପରିଷଦ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ଗତକାଲି ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ସର୍ବାଧିକ ୭୯୮ଜଣ ଫେଲ୍ ହୋଇଥିବା ବେଳେ ଧନ୍ଦାମୂଳକ ଶିକ୍ଷାରେ ସବୁଠାରୁ କମ୍ ୯୧ଜଣ ଫେଲ୍ ହୋଇଛନ୍ତି ।

ସେହିଭଳି ଚଳିତମାସ ୨୯ ତାରିଖରୁ ଜୁନ୍ ମାସ ୧୨ ତାରିଖ ମଧ୍ୟରେ ୧୫ ଦିନ ଧରି ମ୍ୟାଟ୍ରିକ ପରୀକ୍ଷା ଖାତାର ପୁନଃ ଯାଞ୍ଚ୍ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମା ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ମାଧ୍ୟମରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

***Desk***

## ତମାଖୁ ବର୍ଜନ ପୁରସ୍କାର

ତମାଖୁ ବର୍ଜନ କ୍ଷେତ୍ରରେ ଓଡ଼ିଶାକୁ ‘ୱାର୍ଲ୍ଡ ନୋ ଟବାକୋ ଡେ’ ପୁରସ୍କାର–୨୦୨୪ ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ସମ୍ମାନଜନକ ପୁରସ୍କାର ଘୋଷଣା କରାଯାଇଛି। ରାଜ୍ୟରେ ତୃଣମୂଳସ୍ତରରେ ତମାଖୁ ବର୍ଜନ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ତମାଖୁ ଦ୍ରବ୍ୟ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ନେଇ କଟକଣା ସହ ଜରିମାନା ବ୍ୟବସ୍ଥା ରହିଛି। ଏହା ପୂର୍ବରୁ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ତମାଖୁ ମୁକ୍ତ ଗାଁ ଅଭିଯାନ ଆରମ୍ଭ ହୋଇଥିଲା।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ପଞ୍ଚମ ରିପୋର୍ଟ ଅନୁଯାୟୀ ଦେଶରେ ୫୧ ଦଶମିକ ୬ ପ୍ରତିଶତ ପୁରୁଷ, ୨୬ ପ୍ରତିଶତ ମହିଳା ତମାଖୁ ସେବନ କରୁଛନ୍ତି ।

*BHK*

## ଲୋକସଭା ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭଦ୍ରକ ଜିଲ୍ଲାରେ ନିର୍ବାଚନ ନେଇ ଆମ ପ୍ରତିନିଧିଙ୍କ ଅଶୋକ କୁମାର ନାୟକ ରିପୋର୍ଟ...

**<u>V/O</u>**

*BHK*

## ମାଇକ୍ରୋ ଅବ୍‌ଜରଭର୍ ମାନଙ୍କୁ ତାଲିମ

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇକ୍ରୋ ଅବ୍‌ଜରଭର୍ ମାନଙ୍କୁ ତାଲିମ ଦିଆଯାଇଛି । ଜିଲ୍ଲାର ସହିଦ୍ ସ୍ମୃତି ଭବନରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କଲାଲ ଏବଂ ଅଭିଚଲ ଚର୍ତୁବେଦୀ ତାଲିମ ପ୍ରଦାନ କରିଥିଲେ। ହୋମ୍

ଭୋଟିଂ ଏବଂ ବୁଥ୍‌ମାନଙ୍କରେ ମତଦାନ ଗ୍ରହଣ ସମୟରେ ଓ ଗଣତି ଟେବୁଲରେ ମାଇକ୍ରୋ ଅବଜରଭର୍ ମାନଙ୍କ ଦାୟିତ୍ୱ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା ।

***BBSR***

## ପୋଷ୍ଟାଲ ଭୋଟିଂ

ରାଜ୍ୟରେ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୯୪ ହଜାର ମତଦାତା ପୋଷ୍ଟାଲ ବାଲାଟ ଜରିଆରେ ଭୋଟ୍ ଦେଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଦିବ୍ୟାଙ୍ଗ ମତଦାତା ହୋମ ଭୋଟିଂ ଜରିଆରେ ମତଦାନ କରିଥିବା ବେଳେ ଅତ୍ୟାବଶ୍ୟକୀୟ ସେବା ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ମତଦାନ କରିଛନ୍ତି ।

***Kendrapara***

## ହୋମ ଭୋଟିଂ

କେନ୍ଦ୍ରାପଡ଼ା ଜିଲ୍ଲାରୁ ହୋମ୍ ଭୋଟିଂ ଏବଂ ପୋଷ୍ଟାଲ ବାଲାଟ୍ ପ୍ରକ୍ରିୟା ଜାରି ରହିଛି । ପ୍ରଥମ ଦିନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କୁ ମିଶାଇ ୨୧୬ ଜଣ ଭୋଟର ମତଦାନ କରିଛନ୍ତି । ଗତକାଲି ୩୬୦ ଜଣ ମତଦାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାରେ ୫ଟି ବିଧାନସଭା କ୍ଷେତ୍ରରେ ୨୩୪ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୭୯୩ ଜଣ ବରିଷ୍ଠ ନାଗରିକ ଏହି ପ୍ରକ୍ରିୟାରେ ଭୋଟ୍ ଦେଉଛନ୍ତି । ଏହା ବ୍ୟତୀତ ଜିଲ୍ଲାର

ସରକାରୀ ଟାଉନ୍ ହାଇସ୍କୁଲ ପରିସରରେ ଅଗ୍ନିଶମ ସେବା, ପୁଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ମତଦାନ କରୁଛନ୍ତି। ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଭୋଟ୍‌ଗ୍ରହଣ ପ୍ରକ୍ରିୟା ଜାରି ରହିବ।

***Desk/HS***

## ସାଇକ୍ଲୋନ ରେମାଲ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ରେମାଲ ଗତକାଲି ମଧ୍ୟରାତ୍ରିରେ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳକୁ ସାଗରଦ୍ୱୀପ ଓ ଖେପୁପରା ମଧ୍ୟରେ ଲ୍ୟାଣ୍ଡଫଲ କରିଛି । ଲ୍ୟାଣ୍ଡ୍‌ଫଲ ବେଳେ ପବନର ବେଗ ଘଣ୍ଟାପ୍ରତି ୧୧୦ରୁ ୧୨୦ କିଲୋମିଟର ରହିଥିବାବେଳେ ପ୍ରବଳ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ପରେ ଏହା ଦୁର୍ବଳ ହୋଇ ଝଡ଼ରେ ପରିଣତ ହୋଇଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ସହ ସଂଲଗ୍ନ କଟକ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହୋଇଥିଲା ।

ନୟାଗଡ଼ ଜିଲ୍ଲା ରଣପୁରରେ ସର୍ବାଧିକ ୯୨ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡ଼ାରେ ୭୮ ଓ ମୟୂରଭଞ୍ଜରେ ୬୮ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲିଠାରୁ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି।

*********************************